भारतीय गैर न्यायिक

दस रुपये

भारत

TEN RUPEES

Rs.10

सत्यमेव जयते

INDIA

INDIA NON JUDICIAL

ଓଡ଼ିଶା ओडिशा ODISHA

73AA 280598

ହସ୍ତତନ୍ତ ଉନ୍ନୟନ ପାଇଁ ଚେଷ୍ଟିତ **"ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ" (ପ୍ରଥମ ପକ୍ଷ)** ଓ ଶ୍ରୀ **ବିଜୟ କୁମାର ନନ୍ଦୀ** (**ଦ୍ୱିତୀୟ ପକ୍ଷ**)ଙ୍କ ମଧ୍ୟରେ **ବୁଝାମଣା ଚୁକ୍ତିପତ୍ର**

ପ୍ରଥମ ପକ୍ଷ,"**ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ**" ସେବା ମନୋଭାବ ସମ୍ପନ୍ନ, (ସମିତି ପଞ୍ଜିକରଣ ଆଇନର 19575/7 ବର୍ଷ 1994-95 ନମ୍ବରରେ ପଞ୍ଜୀକୃତ), ବିନା ଆର୍ଥିକ ଲାଭରେ ହସ୍ତତନ୍ତର ବିକାଶ ଓ ବୁଣାକାର ମାନଙ୍କର ଆୟବୃଦ୍ଧିପାଇଁ ସମର୍ପିତ ଏକ ସଂସ୍ଥା। ଏହାର ମୁଖ୍ୟ କାର୍ଯ୍ୟାଳୟ ସିଦ୍ଧେଶ୍ୱର ସାହି, କଟକ ସହର, କଟକ ଜିଲ୍ଲା, ଓଡ଼ିଶା ରାଜ୍ୟ, ୭୫୩୦୦୮ ଠାରେ ଅବସ୍ଥିତ । ଅନୁଷ୍ଠାନ ବିଷୟରେ ସବିଶେଷ ବିବରଣୀ sraha.org ୱେବସାଇଟରେ ଦିଆ ଯାଇଅଛି।

ଦ୍ୱିତୀୟ ପକ୍ଷ ଶ୍ରୀ **ବିଜୟ କୁମାର ନନ୍ଦୀ**, **ଗ୍ରାମ** ବାଖର ପୁର, ତିର୍ତ୍ତୋଲ ବ୍ଲକ ଜଗତସିଂହପୁର ଜିଲ୍ଲା, ପିନ୍ ୭୫୪୧୩୭ (ଜନ୍ମ ତାରିଖ 15.04.1979, ଆଧାର ନ.515115484294, ମୋବାଇଲ ଫୋନ 7682957336) ହସ୍ତତନ୍ତରେ ନାନା ରଙ୍ଗ/ ଡିଜାଇନର ଲୁଗା ବୁଣିବା ଓ ବିକ୍ରି କରିବାରେ ନିୟୋଜିତ ।

ପ୍ରଥମପକ୍ଷ, ଦ୍ୱିତୀୟପକ୍ଷ ଦ୍ୱାରା ଉତ୍ପାଦିତ ବୁଣାଲୁଗାର ମାନ,ରଙ୍ଗ, ଡିଜାଇନ୍ ର ମୌଳିକତା ଓ ଗୁଣବତ୍ତା ବିଷୟରେ ଗ୍ରାହକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ, ଏକ ନିର୍ଭରଯୋଗ୍ୟ "ଶ୍ରଦ୍ଧା" ବ୍ରାଣ୍ଡିଙ୍ଗ ପାଇଁ ପଦକ୍ଷେପ ନେବ। ଏହା ଦ୍ୱିତୀୟପକ୍ଷଙ୍କୁ ଖୋଲା ବଜାର ବିଶେଷ କରି ସାମାଜିକ ଗଣମାଧ୍ୟମରେ, ନିଜର ହାତବୁଣା ଲୁଗା ବିକ୍ରିକରିବାରେ ସହାୟକ ହେବ ।

ଦ୍ୱିତୀୟପକ୍ଷ ବୁଣୁ ଥିବା ଲୁଗାର ଗୁଣ, ମାନ, ଓ ଦାମକୁ ଭିତ୍ତିକରି ଗ୍ରାହକର ପସନ୍ଦ ଅର୍ଜନ କରିବା ପାଇଁ ବିଶେଷ ଧ୍ୟାନଦେବେ ଓ ଏଥିପାଇଁ ସଦାସର୍ବଦା ସଜାଗ ରହିବେ । ଦ୍ୱିତୀୟ ପକ୍ଷ ହସ୍ତତନ୍ତରେ ଲୁଗା ବୁଣି,ଏହି ଲୁଗାକୁ ବିକ୍ରି କରି ନିଜର ଆୟ ବୃଦ୍ଧି ଉଦ୍ଦେଶ୍ୟରେ ଏହି ବୁଝାମଣା ଚୁକ୍ତିପତ୍ର ନିଜ ସ୍ୱଇଚ୍ଛାରେ ସମ୍ପାଦନ କରିଛନ୍ତି।

**ପ୍ରଥମପକ୍ଷର ଦାୟିତ୍ୱ**

ନିଜର ଆର୍ଥିକ ଅବସ୍ଥାକୁ ଲକ୍ଷ୍ୟ ରଖି ପ୍ରଥମପକ୍ଷ, ଦ୍ୱିତୀୟପକ୍ଷଙ୍କୁ ନିମ୍ନଲିଖିତ ବିଷୟରେ ଯଥା ସମ୍ଭବ ସାହାଯ୍ୟ କରିବ,

- ହସ୍ତତନ୍ତର ବସ୍ତ୍ରର ସ୍ୱତନ୍ତ୍ରତା ଓ ବଜାର ଚାହିଦା ବିଷୟରେ ବୁଣାକାରମାନଙ୍କୁ ସଚେତନ କରିବା ଓ ସେମାନଙ୍କର ମନୋବଳ ଓ ଆତ୍ମସମ୍ମାନ ବଢ଼ାଇବା,
- ହାତବୁଣା ଲୁଗାପାଇଁ ଗ୍ରାହକମାନଙ୍କର ରୁଚି ଓ ମନପସନ୍ଦ ବିଷୟରେ ଜଣାଇବା,
- ନୂଆ ରଙ୍ଗ ଓ ଡିଜାଇନର ଲୁଗା ବୁଣିବା ପାଇଁ ବୈଷୟିକ ଜ୍ଞାନ ଓ ପ୍ରଶିକ୍ଷଣ ପ୍ରଦାନ କରିବା,
- ନୂଆ ପ୍ରକାରର ଲୁଗା; ଯଥା ଶାଢ଼ୀ ପରିବର୍ତ୍ତେ ସାର୍ଟ/ ପ୍ୟାଣ୍ଟ ଆଦି ସିଲାଇ କରିବା ପାଇଁ ଲୁଗା / ଥାନ କପଡା ବୁଣିବା ପାଇଁ ସାହାଯ୍ୟ କରିବା,
- ପର୍ବପର୍ବାଣୀ, ତଥା ବିବାହ ବ୍ରତ ଆଦି ଉତ୍ସବରେ ପିନ୍ଧା ଯାଉଥିବା ଗାଢ଼ ରଙ୍ଗ ଓ ଅଧିକ ଡିଜାଇନ୍ ପରବର୍ତ୍ତେ, ସବୁଦିନ ଅଫିସ, କଲେଜ,ବ୍ୟାଙ୍କ୍ ଆଦି ସଂସ୍ଥାରେ କାମ କାମ କରୁଥିବା ମହିଳା/ ପୁରୁଷଙ୍କ ପାଇଁ, ହାଲୁକା ରଙ୍ଗ ଓ କମ ଡିଜାଇନ୍ ର ଶାଢ଼ୀ ଓ ଡ୍ରେସ ପାଇଁ କପଡା ବୁଣିବା ପାଇଁ ସାହାଯ୍ୟ କରିବା,
- ନୂଆରଙ୍ଗ ଓ ଡିଜାଇନର ଲୁଗା ବୁଣିବାପାଇଁ କମ୍ପ୍ୟୁଟର ସାହାଯ୍ୟରେ ଡିଜାଇନ୍ ପ୍ରସ୍ତୁତ କରି, ତାହା ବୁଣାକାରମାନଙ୍କୁ ଯୋଗାଇଦେବା,
- ମୋବାଇଲ୍ ଫୋନ୍ ତଥା ଇଣ୍ଟରନେଟ୍ ବ୍ୟବହାର କରି ଗ୍ରାହକମାନଙ୍କ ସହ ଯୋଗାଯୋଗ ନିମିତ୍ତ ସାହାଯ୍ୟ କରିବା,

NOTARY GOVT. OF ODISHA

2 4 Dec 2024

Treasury Officer,
Cuttack

Prasanta Kumar Dash
Stamp Vendor
Collectorate, Cuttack

- ଅନଲାଇନରେ ଲୁଗା ବିକ୍ରି କରି ଓ ବିକ୍ରି ଟଙ୍କା ବ୍ୟାଙ୍କ୍ ଖାତାକୁ ଆଣିବା ପାଇଁ ସାହାଯ୍ୟ କରିବା,
- ହିସାବ ପତ୍ର ରଖିବା ତଥା ଆବଶ୍ୟକତା ଅନୁଯାୟୀ ଆନୁସାଙ୍ଗିକ ସହାୟତା କରିବା ।

**ଦ୍ୱିତୀୟ ପକ୍ଷର ଦାୟିତ୍ୱ**

ହସ୍ତତନ୍ତ ଲୁଗାର ଲୋକପ୍ରିୟତା ଓ ବୁଣାକାରମାନଙ୍କର ଆୟ ବୃଦ୍ଧିକୁ ଲକ୍ଷ୍ୟ ରଖି, ଦ୍ୱିତୀୟ ପକ୍ଷ ନିମ୍ନଲିଖିତ ବିଷୟରେ ପଦକ୍ଷେପ ନେବେ।

- ଗ୍ରାହକମାନଙ୍କର ରୁଚି ତଥା ବଜାରରେ ପରିବର୍ତ୍ତନ ଓ କଳତନ୍ତରେ ବୁଣାଲୁଗାର ପ୍ରତିଦ୍ୱନ୍ଦିତାକୁ ବୁଝି, ନିଜର ମାନସିକତା ପରିବର୍ତ୍ତନ କରିବା,
- ଗ୍ରାହକମାନଙ୍କର ରୁଚି ପରିବର୍ତ୍ତନ ସହ ତାଳ ରଖି, ନୂଆ ପ୍ରକାରର ଓ ଡିଜାଇନ୍ ର ଲୁଗା ବୁଣିବା ଓ ବିକ୍ରି ବିଷୟରେ ଆବଶ୍ୟକୀୟ ପରିବର୍ତ୍ତନ କରିବା,
- ସୂତା ରଙ୍ଗ କରିବା ଓ ଲୁଗା ବୁଣିବା ସମୟରେ ବୈଷୟିକ ଦିଗ ପ୍ରତି ବିଶେଷ ଧ୍ୟାନଦେବା, ଯେପରିକି କୌଣସି ଦୋଷ ତ୍ରୁଟି ନ ରହେ,
- ବୁଣିଥିବା ଲୁଗାର ସୂତା, ରଙ୍ଗ ଓ ଡିଜାଇନ୍ ବିଷୟରେ ଗ୍ରାହକ କୁ ସଠିକ୍ ବିବରଣୀ ଦେବା,
- ହସ୍ତତନ୍ତ ଶିଳ୍ପ ତଥା ପ୍ରଥମପକ୍ଷର ସୁନାମ ବଜାୟ ରଖିବା ପାଇଁ ଉଚ୍ଚମାନ ଓ ତ୍ରୁଟି ବିହୀନ ଲୁଗା ବୁଣିବା,

**ପରିଦର୍ଶନ କରିବାର ଅଧିକାର**

ଏହି ଚୁକ୍ତିପତ୍ରରେ ପଞ୍ଜୀକୃତ ଦ୍ୱିତୀୟ ପକ୍ଷ ବୁଣାକାର ମାନଙ୍କର ଉତ୍ପାଦନର ଗୁଣବତ୍ତା ବଜାୟ ରଖିବା ପାଇଁ, ପ୍ରଥମ ପକ୍ଷ ଦ୍ୱିତୀୟ ପକ୍ଷର ଉତ୍ପାଦନ ସ୍ଥାନ ତଥା ଉତ୍ପାଦନ ପ୍ରକ୍ରିୟା, ବ୍ୟବହୃତ ବସ୍ତୁ ଓ ବୁଣା ହେଉଥିବା / ହୋଇଥିବା ଲୁଗା ଆଦି ପରିଦର୍ଶନ କରିପାରିବେ ଏବଂ ଆବଶ୍ୟକୀୟ ବୈଷୟିକ ଜ୍ଞାନ / ପରାମର୍ଶ ଦେଇପାରିବେ। ଏହି ବିଷୟରେ ଦ୍ୱିତୀୟ ପକ୍ଷ ବିହିତ ପଦକ୍ଷେପ ନେବେ।

**ସତ୍ତ୍ୱ ତ୍ୟାଗ ଓ କ୍ଷତିପୂରଣ**

ପ୍ରଥମପକ୍ଷଙ୍କ ସୁନାମ ତଥା ୱେବସାଇଟ ବ୍ୟବହାର କରି, ଦ୍ୱିତୀୟପକ୍ଷ ବିକ୍ରି କରିଥିବା ଲୁଗା ବିଷୟରେ କ୍ରେତା କିଛି ଅଭିଯୋଗ (ଯଥା ଲେଖିଥିବା ବିବରଣୀ ତୁଳନାରେ ଲୁଗାର ବୁଣା ବା ରଙ୍ଗ ବିଷୟରେ ଆପତ୍ତି) କଲେ; ତାହା ପ୍ରଥମ ପକ୍ଷ ଦ୍ୱାରା ପରୀକ୍ଷା କରାଯିବ। ପ୍ରଥମ ପକ୍ଷ ଦ୍ୱାରା ପରୀକ୍ଷା ପରେ, ବିକ୍ରି ଲୁଗାରେ ଥିବା ଭୁଲ ପ୍ରମାଣିତ ହେଲେ, ଦ୍ୱିତୀୟ ପକ୍ଷ ସେହି ଲୁଗା ଫେରାଇ ନେଇ, ତା ବଦଳରେ ତ୍ରୁଟି ନ ଥିବା ଲୁଗା ଅଥବା ପାଇଥିବା ବିକ୍ରି ମୂଲ୍ୟ ଟଙ୍କା ଫେରାଇବେ ।

- ଏହି ଚୁକ୍ତିପତ୍ରର ସର୍ତ୍ତାବଳୀ ଭାଙ୍ଗିଲେ, ସଂପୃକ୍ତ ଦ୍ୱିତୀୟ ପକ୍ଷ ବୁଣାକାରଙ୍କୁ ତାହାର କାରଣ ଦର୍ଶାଇବାକୁ ପଡ଼ିବ। ଏହାର ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ, ସେହି ବୁଣାକାର (ଦ୍ୱିତୀୟ ପକ୍ଷ)ଙ୍କ ସହିତ ହୋଇଥିବା ଚୁକ୍ତି ପତ୍ର ବାତିଲ ହେବ ଓ ଦ୍ୱିତୀୟ ପକ୍ଷଙ୍କର ନାମ ଓ ବିବରଣୀ ୱେବସାଇଟରୁ ବାଦ ଦିଆଯିବ।


**ଅନ୍ୟାନ୍ୟ**

ପ୍ରଥମପକ୍ଷ,  ନଥିଭୁକ୍ତ ବୁଣାକାର ମାନଙ୍କର ପିଲାମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡିକେନ୍ଦ୍ର ସହ ସମନ୍ୱୟ ରକ୍ଷାକରି, ପ୍ରକ୍ ବିଦ୍ୟାଳୟ ଶିକ୍ଷା, ପିଲା ଓ ମା ମାନଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଚକ୍ଷୁ ପରୀକ୍ଷା, ରୋପଣ ପାଇଁ ଫଳ ଚାରା ବିତରଣ ଆଦିର ସୁବିଧା ଯୋଗାଇ ଦେବେ। ହସ୍ତତନ୍ତ ବିକାଶ ନିମନ୍ତେ ଚାଲୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ସହାୟତା ପାଇବା ପାଇଁ ବୁଣାକାର ମାନଙ୍କୁ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ, ଏହି ଚୁକ୍ତିପତ୍ର ଦୁଇ ପକ୍ଷର ସମ୍ମତି କ୍ରମେ ପରିବର୍ତ୍ତନ କରାଯାଇ ପାରିବ। ବୁଣାକାର ମାନଙ୍କର ଆୟବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଏହି ଚୁକ୍ତିପତ୍ର ସୁଚାରୁରୂପେ ସମ୍ପାଦନା କରିବାପାଇଁ ଉଭୟପକ୍ଷ  ନିଷ୍ଠାରସହ ପଦକ୍ଷେପ ନେବେ।

**ବିବାଦ ସମାଧାନ**

ଉଭୟପକ୍ଷ ମଧ୍ୟରେ କୌଣସି କାରଣରୁ ମତଭେଦ ବା ବିବାଦ ଉପୁଜିଲେ, ଉଭୟପକ୍ଷ ଆପୋଷ ଆଲୋଚନା ଓ ବୁଝାମଣା ମାଧ୍ୟମରେ ତାହା ସମାଧାନ କରିବାକୁ ଚେଷ୍ଟା କରିବେ। ତେବେ ଆବଶ୍ୟକତା ଅନୁଯାୟୀ ସେମାନେ ନ୍ୟାୟାଳୟର ଆଶ୍ରୟ ନେଇ ପାରିବେ।

ଏହି ବୁଝାମଣା  ଚୁକ୍ତିପତ୍ର[1] ତା୨୫.୦୧.୨୦୨୫ରିଖ ଦିନ ମାଲଣ୍ଡ ଗ୍ରାମ, ତିର୍ତ୍ତୋଲ ବ୍ଲକ ଠାରେ ସମ୍ପାଦନ କରାଗଲା। ଏହା ଆଗାମୀ ତିନି ବର୍ଷ ପାଇଁ କାଏମ ରହିବ।

|  | **ପ୍ରଥମ ପକ୍ଷ ପାଇଁ** | **ଦ୍ୱିତୀୟ ପକ୍ଷ ପାଇଁ** |  |
| --- | --- | --- | --- |
| | Suvendu Tripathy<br>(ସ୍ୱାକ୍ଷର) | Bijaya Kumar Nandi<br>(ସ୍ୱାକ୍ଷର) | |
| | ଶୁଭେନ୍ଦୁ ତ୍ରିପାଠୀ, ଯୁଗ୍ମ ସଚିବ,<br>**ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ** | (ନାମ) **ବିଜୟ କୁମାର ନନ୍ଦୀ** | |
| | **ସାକ୍ଷୀ** | **ସାକ୍ଷୀ** | |
| | (ସ୍ୱାକ୍ଷର) | (ସ୍ୱାକ୍ଷର) | |
| | (ନାମ) | (ନାମ) | |

[1] ଏହି ଚୁକ୍ତିପତ୍ରର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ଏଥି ସହିତ ସଂଲଗ୍ନ ଅଛି।

**ଚୁକ୍ତିପତ୍ରର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ**

**ଚୁକ୍ତିପତ୍ରର ମୂଳ ଉଦ୍ଦେଶ୍ୟ** ହେଉଛି **"ହସ୍ତତନ୍ତ ବୁଣାକାର ମାନଙ୍କର ସାମୂହିକ ଉନ୍ନତି ଓ ବ୍ୟବସାୟରୁ ଆୟ ବୃଦ୍ଧି କରିବା**

**ପୃଷ୍ଠଭୂମି**

ହସ୍ତତନ୍ତରେ ଲୁଗା ବୁଣିବା ଆମ ରାଜ୍ୟର ଏକ ପ୍ରମୁଖ କୁଟୀର ଶିଳ୍ପ ତଥା ଆମ ପରମ୍ପରା, ଓ ଅସ୍ମିତାର ବିଶେଷ ଆକର୍ଷଣ। ବିଭିନ୍ନ କାରଣରୁ ଏହି ବ୍ୟବସାୟରୁ ଆୟ, ଅନ୍ୟ ବ୍ୟବସାୟ ତୁଳନାରେ କମ୍ ରହୁଥିବାରୁ, ଏହି କାମପାଇଁ ବୁଣାକାର ମାନଙ୍କର ଆଗ୍ରହ କମିଯାଉଛି ତଥା ନୂଆ ପିଢ଼ି ଏହି କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳତଃ ବୁଣାକାର ମାନଙ୍କର ସଂଖ୍ୟା କମିଯାଉଛି। ଏହି ପରିସ୍ଥିତିରେ ବୁଣାକାର ମାନଙ୍କର ଆୟ ବୃଦ୍ଧି ବିଶେଷ ଗୁରୁତ୍ୱପୂର୍ଣ ହୋଇ ପଡ଼ିଛି।

**ଆୟବୃଦ୍ଧି** ପାଇଁ, **ବୁଣାକାର** ମାନେ (୧.) ଉଚ୍ଚ ମାନ, ନୂଆ ରଙ୍ଗ, ଡିଜାଇନ୍ ତଥା ନୂଆ ପ୍ରକାରର ଅପେକ୍ଷାକୃତ ବେଶୀ ଦାମର ଲୁଗା ବୁଣିବା, ତଥା (୨.) ବୁଣିଥିବା ଲୁଗା ମୋବାଇଲ ଫୋନ ବ୍ୟବହାର କରି ସାମାଜିକ ଗଣ ମାଧମରେ, ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ ବିକ୍ରି କରିବା ଆବଶ୍ୟକ । ଫଳରେ, ଲୁଗା ବିକ୍ରିକରିବାରେ ବେପାରୀ ବାଦ ପଡ଼ିବେ ଓ ଲୁଗା ବିକ୍ରି ଧନରାଶିର ସିଂହଭାଗ ବୁଣାକାର ପାଇପାରିବେ । ତା ସହିତ ବୁଣାକାର ଲୁଗାର ପ୍ରକାର, ରଙ୍ଗ, ଡିଜାଇନ୍ ଆଦି ବିଷୟରେ ଗ୍ରାହକର ପସନ୍ଦ ସିଧା ପାଇପାରିବେ ଓ ଠିକ୍ ସେହିପରି ଗ୍ରାହକପସନ୍ଦର ଲୁଗାବୁଣି ଗ୍ରାହକ ପାଖକୁ ପଠାଇ ପାରିବେ ।"ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଦିଗରେ କାର୍ଯ୍ୟରତ ଅଛି।

ହସ୍ତତନ୍ତ ଶିଳ୍ପର ବିକାଶ କ୍ଷେତ୍ରରେ ଦୀର୍ଘ ଦିନର ଅନୁଭୂତି ଥିବା ପ୍ରାକ୍ତନ ବସ୍ତ୍ର ସଚିବ, ଶ୍ରୀ ସଞ୍ଜୟ କୁମାର ପଣ୍ଡା; ପ୍ରାକ୍ତନ ନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର, ଶ୍ରୀ ବିଜନ ବିହାରୀ ପାଲ୍; ଓ ଉପ ନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର, ଶ୍ରୀ ସୁରେନ୍ଦ୍ର କୁମାର ପାତ୍ରଙ୍କ ନେତୃତ୍ବରେ ପରିଚାଳିତ **"ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ** ତରଫରୁ **ହସ୍ତତନ୍ତ ବୁଣାକାରମାନଙ୍କର** ସର୍ବାଙ୍ଗୀନ ଉନ୍ନତିପାଇଁ, ଏକାଧିକ ପଦକ୍ଷେପ ନିଆଯାଉଅଛି । ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସୁନାମ ଉପରେ ଭିତ୍ତିକରି, ବୁଣାଲୁଗାର ମାନ, ରଙ୍ଗ, ଡିଜାଇନ୍, ଗୁଣ ବିଷୟରେ **ଗ୍ରାହକମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ "ଶ୍ରଦ୍ଧା ବ୍ରାଣ୍ଡ"** ଆରମ୍ଭ କରାଯାଇଛି । ବ୍ରାଣ୍ଡିଙ୍ଗ ପ୍ରକ୍ରିୟାର ଲାଭ ବିଷୟରେ ବୁଝାଇ, ଏହି ବିଷୟରେ ଇଚ୍ଛୁକ ବୁଣାକାରମାନଙ୍କୁ ନିଜ **ଆୟ ବଢ଼ାଇବା** ପାଇଁ **"ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ** ସହ ମିଶି କାମ କରିବା ଏହି ଚୁକ୍ତିପତ୍ରର ମୁଖ୍ୟ ଉଦ୍ଦେଶ୍ୟ ।

ଅନୁଷ୍ଠାନର **ମୁଖ୍ୟ ଅଫିସ** ସିଦ୍ଧେଶ୍ୱର ସାହି, କଟକ, ୭୫୩୦୦୮ ଏବଂ ଏକ **ଶାଖା ଅଫିସ** ନୂଆପାଟଣା, ଆଠଗଡରେ ରହିଛି। **ଯୋଗାଯୋଗ ଇମେଲ** shraddhahandloom94@gmail.com। ଅନୁଷ୍ଠାନ ବିଷୟରେ ବିସ୍ତାରିତ ତଥ୍ୟ sraha.org **ୱେବସାଇଟ**ରେ ଦିଆଯାଇଛି। ଏହି ଅନୁଷ୍ଠାନ, କଟକ ଜିଲ୍ଲା ଆଠଗଡର ନୂଆପାଟଣା ଓ ଜଗତସିଂହପୁର ଜିଲ୍ଲାର ମାଲଣ୍ଡ ଗ୍ରାମରେ କାମ ଆରମ୍ଭ କରିଛି । ପରବର୍ତ୍ତୀ ସମୟରେ, ରାଜ୍ୟର ଅନ୍ୟ ଅଞ୍ଚଳରେ କାମ କରିବାର ପରିକଳ୍ପନା ରହିଛି ।

**"ବୁଣାକାର ମାନଙ୍କର ଆୟ ବୃଦ୍ଧି କରିବା"** ଲକ୍ଷ୍ୟ ସାଧନ ନିମନ୍ତେ, ଅନୁଷ୍ଠାନ ତରଫରୁ

(୧.)ବୁଣାକାର ମାନଙ୍କୁ ନିଜର ଦକ୍ଷତା, କର୍ମ ନିପୁଣତା ଉପରେ ଭିତ୍ତି କରି **ଆତ୍ମବିଶ୍ୱାସ ଓ ମନୋବଳ ବଢ଼ାଇବା** ପାଇଁ ଉତ୍ସାହିତ କରିବା,

(୨.)ନିଜର ଅନ୍ତର୍ନିହିତ ଶକ୍ତି ଉପରେ ଆଧାର କରି **ହସ୍ତତନ୍ତ ବସ୍ତ୍ରକୁ, ଏହି ବିଷୟରେ ରୁଚିଥିବା ଏବଂ ଉଚ୍ଚକ୍ରୟ କ୍ଷମତା ଥିବା ଗ୍ରାହକ** ମାନଙ୍କପାଇଁ ଉତ୍ପାଦନ ଓ ବିକ୍ରି ବ୍ୟବସ୍ଥା କରିବା,

(୩.) ମୋବାଇଲ୍ ଫୋନ୍ ବ୍ୟବହାର କରି **ସାମାଜିକ ଗଣମାଧ୍ୟମ** ଯଥା Facebook, whatsapp ମାଧମରେ, ଉପର ଲିଖିତ **ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ପାଇଁ ବୁଣାକାର ମାନଙ୍କର ହାତଧରି ସାହଯ୍ୟ କରିବା,**

(୪.) **ଉଚ୍ଚମାନ, ନୂଆ ରଙ୍ଗ, ନୂଆ ଡିଜାଇନ୍ ଓ ନୂଆ କିସମର, ତ୍ରୁଟିହିନ, ବେଶୀ ଦାମର ଲୁଗା ବୁଣିବା** ପାଇଁ ପ୍ରଶିକ୍ଷଣ, ସୂତା, ରଙ୍ଗ ଆଦି ସୁଲଭ ମୂଲ୍ୟରେ ଯୋଗାଇବା , ଏବଂ

(୫.)କେନ୍ଦ୍ର ଏବଂ ରାଜ୍ୟ **ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନାରେ ସାହାଯ୍ୟ ପାଇବା ପାଇଁ ବୁଣାକାର ମାନଙ୍କୁ ସାହାଯ୍ୟ** କରିବା, ଆଦି ପଦକ୍ଷେପ ନିଆଯାଉଅଛି।

Suvendu Tripathy

Bijaya Kumar Nandi